# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th June – 2026

************************************

## ମୁଖ୍ୟ ସମ୍ବାଦ

- ରାଇରଙ୍ଗପୁରଠାରୁ ୪୭ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ-ଶିଳାନ୍ୟାସ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

— ବିଶ୍ୱରେ ଅସ୍ଥିରତା ସତ୍ତ୍ୱେ ଭାରତ ନିରନ୍ତର ଭାବେ ଶାନ୍ତିର ବାର୍ତ୍ତା ଦେଉଛି, କହିଲେ ରାଷ୍ଟ୍ରପତି ।

— ଓଡ଼ିଶାର ଅର୍ଥବ୍ୟବସ୍ଥା ସୁଦୃଢ଼ ହେଲେ ଭାରତ ବଳିଷ୍ଠ ହେବ; ମତବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ।

- ପଶ୍ଚିମବଙ୍ଗର ହୁଗୁଳିରୁ ପି.ଏମ୍. କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲି ହେବ ଏନ୍.ଟି.ଏ.ଦ୍ୱାରା ପରିଚାଳିତ ନୀଟ୍-ୟୁ.ଜି. ପୁନଃ ପରୀକ୍ଷା ।

ଏବଂ

- ବାର୍ଦ୍ଧକ୍ୟରେ ସୁସ୍ଥତା ପାଇଁ ଯୋଗର ବାର୍ତ୍ତା ନେଇ ଆସନ୍ତାକାଲି ପାଳନ କରାଯିବ ଅନ୍ତର୍ଜାତୀୟ ଯୋଗଦିବସ ।

*Desk*

# ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରୁ ୪୭ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ନୂତନ ପ୍ରକଳ୍ପଗୁଡ଼ିକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ । କେନ୍ଦ୍ର ଓ ରାଜ୍ୟ ସରକାର' ଆଦିବାସୀ ସମ୍ପ୍ରଦାୟର ବିକାଶପାଇଁ ବିଭ;ିନ୍ନ ପଦକ୍ଷେପ ନେଉଛନ୍ତି । ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱପାଇଁ ଆଜି ଦେଶ ବିଭିନ୍ନ କ୍ଷେତ୍ରରେ ପ୍ରଗତି ହାସଲ କରିଛି । ରାଷ୍ଟ୍ରପତି କହିଛନ୍ତି, ପଶ୍ଚିମ ଏସିଆ ସମେତ ବିଶ୍ୱର କେତେକ ସ୍ଥାନରେ ଅସ୍ଥିରତା ଦେଖାଦେଇଛି । ଏଭଳି ସ୍ଥିତିରେ ଭାରତ ନିରନ୍ତର ଭାବେ ବୁଝାମଣା ଓ ଶାନ୍ତିର ବାର୍ତ୍ତା ଦେଉଛି ।

***Voice (Prez)*** :........

ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେବ । ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ଓଡ଼ିଶା ଏବଂ ଦେଶର ଲକ୍ଷ୍ୟ ଗୋଟିଏ । ଓଡ଼ିଶାର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହେଲେ ଭାରତ ମଧ୍ୟ ବଳିଷ୍ଠ ହେବ ବୋଲି ଶ୍ରୀ ମୋଦି କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିକଶିତ ଓଡ଼ିଶା ଗଠନପାଇଁ

ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ପୂର୍ବ-ଭାରତର ବିକାଶରେ ଦେଶର ବିକାଶର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି । ଓଡ଼ିଶା’ ସମୁଦ୍ର, ଖଣିଜ ସମ୍ପଦରେ ଭରପୂର । କୃଷିର ଶକ୍ତି ଏବଂ ସାମର୍ଥ୍ୟବାନ ଯୁବପ୍ରତିଭା ଏହି ରାଜ୍ୟରେ ଅଛନ୍ତି । ଓଡ଼ିଶାରେ ବନ୍ଦରଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ସବୁଜ ଶକ୍ତି ଆଦି କ୍ଷେତ୍ରରେ ନିବେଶ ହୋଇଛି ।

***Voice (PM)*** :........

ଓଡ଼ିଶାରେ ନୂତନ ରାଜ୍ୟ ସରକାର ବିକାଶପାଇଁ କାର୍ଯ୍ୟ କରୁଛନ୍ତି । ଉତ୍କର୍ଷ ଓଡ଼ିଶା ସମେତ ଅନ୍ୟ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ବୋଲି ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଆଦିବାସୀ ସମାଜର ଉତ୍ଥାନପାଇଁ ଆଦିବାସୀ ଯୁବକଙ୍କୁ ଶିକ୍ଷା ଓ ନିଯୁକ୍ତିର ସୁଯୋଗ ପ୍ରଦାନ କରୁଛନ୍ତି । ଶ୍ରୀ ମୋଦି ପାହାଡ଼ପୁର ଗ୍ରାମକୁ ‘ସୂର୍ଯ୍ୟଗ୍ରାମ’ ଭାବେ ବିକଶିତ କରିବାକୁ ଘୋଷଣା କରିଛନ୍ତି । ଆସନ୍ତାକାଲି ଆନ୍ତର୍ଜାତିକ ଯୋଗଦିବସ ଅବସରରେ ସମଗ୍ର ଦେଶ ଏବଂ ବିଶ୍ୱକୁ ଯୋଗଦିବସରେ ସାମିଲ୍ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ମୋଦି’ ରାଷ୍ଟ୍ରପତିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର

କୋଟି ଟଙ୍କାର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଜୀବନ ଜୀବିକା ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନପାଇଁ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Desk***

# ପି.ଏମ୍. - କିଷାନ୍‌ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍-କିଷାନ ସମ୍ମାନନିଧି ଯୋଜନାର ୨୩ତମ କିସ୍ତି ପ୍ରଦାନ କରିଛନ୍ତି । ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ତାରକେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୪୪ ଲକ୍ଷରୁ ଅଧିକ କୃଷକଙ୍କ ବ୍ୟାଙ୍କଖାତାକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୧୮ ହଜାର ୮୮୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ୨୦୧୯ ମସିହାରୁ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ କୃଷକଙ୍କୁ ୨୨ଟି କିସ୍ତି ଜରିଆରେ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପି.ଏମ୍.-କିଷାନ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶାର ୩୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଜମାଖାତାକୁ ୬୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ।

*News Pool*

# ଏନ୍.ଟି.ଏ. - ପରୀକ୍ଷା କେନ୍ଦ୍ର

ଜାତୀୟ ପରୀକ୍ଷଣ ସଂସ୍ଥା – ଏନ୍.ଟି.ଏ. ଦ୍ୱାରା ପରିଚାଳିତ ନୀଟ୍-ୟୁ.ଜି. ପୁନଃ ପରୀକ୍ଷା ଆସନ୍ତାକାଲି ଅନୁଷ୍ଠିତ ହେବ । ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ନୀଟ୍-ୟୁ.ଜି. ପରୀକ୍ଷା ଦେବେ । ପରୀକ୍ଷା ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସି.ସି.ଟି.ଭି. ନିରୀକ୍ଷଣ ବ୍ୟବସ୍ଥା ସହ ଆଧାର ଆଧାରିତ ଚିହ୍ନଟ ପ୍ରମାଣୀକରଣ ଏବଂ ଜି.ପି.ଏସ୍. ସମର୍ଥିତ ଯାନର ବ୍ୟବସ୍ଥା କରାଯିବ । ନୀଟ୍ ପରୀକ୍ଷାର ସୁପରିଚାଳନା ପାଇଁ ଆଜି ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି ।

*News Pool*

# ଯୋଗ ଦିବସ

ଆନ୍ତର୍ଜାତିକ ଯୋଗ ଦିବସ-୨୦୨୬ ଆସନ୍ତାକାଲି ପାଳନ କରାଯିବ । 'ବାର୍ଦ୍ଧ୍ୟକରେ ସୁସ୍ଥତା ପାଇଁ ଯୋଗ' ପ୍ରସଙ୍ଗ ଆଧାରରେ ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବ ।

କୋଲକାତାର ଐତିହାସିକ ରେଡ୍ ରୋଡ଼ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ଯୋଗ

ଉତ୍ସବରେ ଦେଶ ତଥା ବିଦେଶରୁ ବହୁ ନାଗରୀକ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିବେ । ଯୋଗଦିବସ ପାଳନର ଅଂଶସ୍ୱରୂପ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଦେଶବ୍ୟାପୀ ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ସ୍ୱତନ୍ତ୍ର ଯୋଗଦିବସର ଆୟୋଜନ କରାଯାଉଛି ।

ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଯୋଗ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍ ହେବେ ।

***Baragarh/R***

## ସମୀକ୍ଷା

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସ୍ୱାଲ ଆଜି ବରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଅତାବିରା ଆଇ.ସି.ଡି.ଏସ୍.ରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ, ସେବାପ୍ରଦାନ ବ୍ୟବସ୍ଥା ଓ ଭିତ୍ତିଭୂମି ସୁବିଧା ସମ୍ପର୍କରେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପରେ ଡକ୍ଟର ଦର୍ସ୍ୱାଲ୍ ବରପାଲିସ୍ଥିତ ଏକ ସ୍ୱୟଂ ସହାୟିକା ଗୋଷ୍ଠୀଦ୍ୱାରା ପରିଚାଳିତ ଛତୁଆ କେନ୍ଦ୍ର ପରିଦର୍ଶନ କରିଥିଲେ ।

*Ganjam/R*

# ଏସ୍.ଆଇ.ଆର୍.

ଗଞ୍ଜାମ ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍. କାର୍ଯ୍ୟକ୍ରମରେ ପରିଗଣନା ଫର୍ମର ଶତ ପ୍ରତିଶତ କମ୍ପ୍ୟୁଟରୀକରଣ କରାଯାଇଛି । ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

*Rayagada/R*

# ଜନସମ୍ପର୍କ କାର୍ଯ୍ୟକ୍ରମ

ରାୟଗଡ଼ା ପୌର ପରିଷଦ ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନାଗରିକମାନଙ୍କୁ ପୌର ପରିଷଦଦ୍ୱାରା ପରିଚାଳିତ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରାଯିବା ସହ ସେମାନଙ୍କର ବିଭିନ୍ନ ଅଭିଯୋଗ ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦, ଗୃହ କର, ବାଣିଜ୍ୟିକ

ଲାଇସେନ୍ସ ଇତ୍ୟାଦି ସମ୍ପର୍କରେ ନାଗରିକମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା ।

*Gajapati/R*

## କୃଷକ ସମ୍ବାଦ କର୍ମଶାଳା

ଗଜପତି ଜିଲ୍ଲା କାଶୀନଗରସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ପରିସରରେ କୃଷକ ସମ୍ବାଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟଚାଷର ଉପକାରିତା, ଏଥିପାଇଁ ମିଳୁଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । କୃଷି-କୃଷକ ଓ ପ୍ରାଣୀସମ୍ପଦର ବିକାଶ ନିମନ୍ତେ ଉପଲବ୍ଧ ସରକାରୀ ଯୋଜନା ସମ୍ପର୍କରେ କୃଷି ଅଧିକାରୀମାନେ କୃଷକମାନଙ୍କୁ ଅବଗତ କରାଇଥିଲେ ।

*Kendrapara, Gajapati/R*

## ଜୈବିକ କୃଷି କର୍ମଶାଳା

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନ୍ତିମ ଦିବସରେ ଆଜି ଜୈବିକ କୃଷିର ମୂଳଧାରଣା ଓ ଗୁରୁତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକ ବ୍ୟବହାର ସମ୍ପର୍କରେ

ଆଲୋଚନା ହୋଇଥିଲା । ଜିଲ୍ଲାପାଳ ରଘୁରାମ ଆର୍. ଆୟାର କର୍ମଶାଳାରେ ଯୋଗଦେଇ ଆଧୁନିକ ଓ ବୈଜ୍ଞାନିକ ପଦ୍ଧତି ଆପଣେଇ କୃଷକମାନେ ଆୟ ବୃଦ୍ଧି କରିପାରିବେ ବୋଲି କହିଛନ୍ତି ।

ଗଜପତି ଜିଲ୍ଲା ମୋହନା ବ୍ଲକ୍ କାର୍ଯ୍ୟାଳୟ ପରିସରରେ 'ବିକାଶଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ସ୍ୱାବଲମ୍ବୀ ଯୁବା ସମୃଦ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ଼ ବଣ୍ଟନ କରାଯାଇଥିଲା ।

***Sonepur/R***

## ଶୀତଳଷଷ୍ଠୀ

ସୁବର୍ଣ୍ଣପୁରରେ ଦେବଦମ୍ପତି ବିବାହ ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଗମ୍ଭୀରାରେ ପ୍ରବେଶ କରିଛନ୍ତି । ଶମ୍ଭୁବାବା ସୁବର୍ଣ୍ଣମେରୁ ଚନ୍ଦ୍ରଶେଖର କନ୍ୟାପିତାଙ୍କ ବାସଭବନରୁ କୈଳାସ ନଗର ଅଭିମୁଖେ ଏକ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରାରେ ଫେରିଛନ୍ତି । ଦେବ ଦେବ ମହାଦେବଙ୍କ ସହ ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ ଓ ଅଷ୍ଟହନୁମାନ ମଧ୍ୟ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ ।

***Desk***

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ମୌସୁମୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

******